# NATIONAL NEWS BULLETIN (ODIA)
## 3 January - 2025
## Evening Bulletin : 7.15 P.M.

********************************

## ମୁଖ୍ୟ ସମ୍ବାଦ

- ଭାରତକୁ ଚଳିତ ବର୍ଷ ବିଶ୍ୱର ସର୍ବବୃହତ ଉତ୍ପାଦନ ହବ୍ ଭାବେ ପରିଣତ କରିବା ଦିଗରେ ସରକାର ଆବଶ୍ୟକ ପଦକ୍ଷେପ ନେଉଛନ୍ତି, କହିଲେ ପ୍ରଧାନମନ୍ତ୍ରୀ ।
- ମାନସିକ ସ୍ୱାସ୍ଥ୍ୟ ଏବଂ ସ୍ନାୟୁ ବିଜ୍ଞାନ କ୍ଷେତ୍ରରେ ବେଙ୍ଗାଲୁରୁ ସ୍ଥିତ ନିମ୍‌ହାଂସ ପ୍ରତିଷ୍ଠାନର କାର୍ଯ୍ୟକୁ ଭୂୟସୀ ପ୍ରଶଂସା କଲେ ରାଷ୍ଟ୍ରପତି ।
- ଜାମ୍ମୁ ରେଲୱେ ଡିଭିଜନ୍‌କୁ ଆସନ୍ତା ସୋମବାର ଲୋକାର୍ପଣ କରିବେ ପ୍ରଧାନମନ୍ତ୍ରୀ ।
- କୃଷକଙ୍କ କ୍ଷତି ପରିମାଣ ଏବଂ ବୀମା ସହାୟତା ରାଶି ମଧ୍ୟରେ ସମନ୍ୱୟ ରକ୍ଷା କରିବା ଲାଗି ଏଣିକି ସାଟେଲାଇଟ୍ ମାଧ୍ୟମରେ କରାଯିବ କ୍ଷୟକ୍ଷତିର ଆକଳନ ।

ଏବଂ

- ଦେଶର ଉତ୍ତର ପୂର୍ବାଞ୍ଚଳର ସାମଗ୍ରୀକ ବିକାଶ ଲାଗି ଗତ ୧୦ ବର୍ଷ ମଧ୍ୟରେ ବଜେଟ୍‌ରେ  ପାଞ୍ଚଗୁଣା ଅର୍ଥ ବ୍ୟୟବରାଦ କରିଛନ୍ତି କେନ୍ଦ୍ର ସରକାର ।

## ପିଏମ୍-ଦିଲ୍ଲୀ

୨୦୨୫ ମସିହା ଭାରତର ବିକାଶ ଲାଗି ଅନେକ ସୁଯୋଗ ସୃଷ୍ଟି କରିବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଶାବ୍ୟକ୍ତ କରିଛନ୍ତି । ଆଜି ନୂଆଦିଲ୍ଲୀ ଠାରେ ୧ହଜାର ୭୦୦ଟି ନବନିର୍ମିତ  ଗୃହ ସମ୍ପୃକ୍ତ ହିତାଧିକାରୀଙ୍କୁ ହସ୍ତାନ୍ତର କରିବା ଅବସରରେ ସେ ଏହା କହିଛନ୍ତି । ଶ୍ରୀ ମୋଦୀ କହିଛନ୍ତି, ଆଗାମୀ ଦିନରେ ଦେଶ ବିଶ୍ୱର ତୃତୀୟ ବୃହତ ଅର୍ଥବ୍ୟବସ୍ଥା ରୂପେ ପରିଣତ ହେବାକୁ ଯାଉଛି । ବର୍ତ୍ତମାନ ଭାରତ ଉଭୟ ରାଜନୈତିକ ଓ ଅର୍ଥନୈତିକ ସ୍ଥିରତା କ୍ଷେତ୍ରରେ ବିଶ୍ୱରେ ଏକ ପ୍ରତୀକ ଭାବେ ଉଭା ହୋଇଛି । ଭବିଷ୍ୟତରେ ଦେଶର ଭାବମୂର୍ତ୍ତିକୁ ବିଶ୍ୱସ୍ତରରେ ଅଧିକ ସଶକ୍ତ କରିବା ଉପରେ ଆଲୋକପାତ କରି ଶ୍ରୀ ମୋଦୀ କହିଛନ୍ତି, ୨୦୨୫ ମସିହାରେ ଭାରତକୁ ବିଶ୍ୱର ସର୍ବବୃହତ ଉତ୍ପାଦନ ହବ୍ ଭାବେ ପରିଣତ କରିବା ଦିଗରେ ସରକାର ଆବଶ୍ୟକ ପଦକ୍ଷେପ ନେଉଛନ୍ତି । ଏଥିସହିତ ନୂତନ ଷ୍ଟାର୍ଟଅପ୍ ଏବଂ ଉଦ୍ୟୋଗୀ ହେବା ଲାଗି ଯୁବବର୍ଗଙ୍କୁ

ସଶକ୍ତ କରାଇବା, କୃଷି କ୍ଷେତ୍ରରେ ନୂତନ ରେକର୍ଡ ସୃଷ୍ଟି କରିବା ସହିତ ମହିଳା ନେତୃତ୍ୱାଧୀନ ବିକାଶକୁ ପ୍ରୋତ୍ସାହିତ କରିବା ଏବଂ ପ୍ରତ୍ୟେକ ନାଗରିକଙ୍କର ଜୀବନ ଜୀବିକାର ମାନରେ ଉନ୍ନତି ଆଣିବା ଉପରେ ମଧ୍ୟ ପ୍ରାଥମିକତା ଦେଇ କେନ୍ଦ୍ର ସରକାର କାର୍ଯ୍ୟ କରୁଛନ୍ତି ବୋଲି ସେ କହିଛନ୍ତି ।

ଏହି ନବନିର୍ମିତ ଗୃହ ଗୁଡ଼ିକୁ ହସ୍ତାନ୍ତର କରାଯାଇଥିବା ହିତାଧିକାରୀମାନଙ୍କୁ ଅଭିନନ୍ଦନ ଜଣାଇ ପ୍ରଧାନମନ୍ତ୍ରୀ କହିଛନ୍ତି, ଏହି ଗୃହଗୁଡ଼ିକ ଆତ୍ମସମ୍ମାନ, ନୂତନ ଆକାଂକ୍ଷା ଓ ସ୍ୱପ୍ନର ପ୍ରତୀକ ଅଟେ । ଗତ ୧୦ ବର୍ଷ ମଧ୍ୟରେ ଜନସାଧାରଣଙ୍କ କଲ୍ୟାଣ ଲାଗି ତାଙ୍କ ସରକାରଙ୍କ ପ୍ରତିଶ୍ରୁତିବଦ୍ଧତା ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଏହି ସମୟ ମଧ୍ୟରେ ତାଙ୍କ ସରକାର ୪ କୋଟିରୁ ଊର୍ଦ୍ଧ୍ୱ ଲୋକଙ୍କୁ ନବନିର୍ମିତ ପକ୍କା ଘର ଉପଲବ୍ଧ କରାଇ ସେମାନଙ୍କର ସ୍ୱପ୍ନକୁ ସାକାର କରିଛନ୍ତି ।

ସେହିଭଳି ଶିକ୍ଷା କ୍ଷେତ୍ରରେ ଦେଶର ବିଶେଷ କରି ଦୁର୍ଗମ ଓ ଅବହେଳିତ ବର୍ଗର ସମସ୍ତ ଶିଶୁଙ୍କୁ ଉନ୍ନତମାନର ଶିକ୍ଷା ପ୍ରଦାନ କରିବା ଦିଗରେ ସରକାର ପ୍ରାଥମିକତା ଦେଇ କାର୍ଯ୍ୟ କରୁଛନ୍ତି । ଏହି ଅବସରରେ ଶ୍ରୀ ମୋଦୀ ନୂଆଦିଲ୍ଲୀର ନେତାଜୀ ନଗର ଠାରେ ବିଶ୍ୱ ବାଣିଜ୍ୟ କେନ୍ଦ୍ର ଏବଂ ସରୋଜିନୀ ନଗର ଠାରେ ଆବାସିକ ଅଟ୍ଟାଳିକାର ଉଦ୍‌ଘାଟନ କରିଛନ୍ତି । ସେହିଭଳି ପ୍ରଧାନମନ୍ତ୍ରୀ ୩୦୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ଦ୍ୱାରକାଠାରେ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ୍‌ର ସମନ୍ୱିତ କାର୍ଯ୍ୟାଳୟକୁ

ମଧ୍ୟ ଉଦ୍‌ଘାଟନ କରିଛନ୍ତି । ଏତଦ୍ ବ୍ୟତୀତ ଦିଲ୍ଲୀ ବିଶ୍ୱବିଦ୍ୟାଳୟରେ ୬୦୦ କୋଟି ଟଙ୍କା ବ୍ୟୟ ଅଟକଳରେ ହେବାକୁ ଥିବା ତିନୋଟି ନୂତନ ପ୍ରକଳ୍ପ ଲାଗି ଶ୍ରୀ ମୋଦୀ ଶିଳାନ୍ୟାସ କରିଛନ୍ତି ।

ଏହି ଉତ୍ସବରେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ମନୋହର ଲାଲ, ତୋଖାନ ସାହୁ, ସୁକାନ୍ତ ମଜୁମଦାର, ଦିଲ୍ଲୀ ଉପରାଜ୍ୟପାଳ ଭି.କେ. ସାକେଶେନାଙ୍କ ସମେତ ବହୁ ସାଂସଦ ଓ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ ।

# ରାଷ୍ଟ୍ରପତି

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମାନସିକ ସ୍ୱାସ୍ଥ୍ୟ ଏବଂ ସ୍ନାୟୁ ବିଜ୍ଞାନ କ୍ଷେତ୍ରରେ ବେଙ୍ଗାଲୁରୁ ସ୍ଥିତ ନିମ୍‌ହାଂସ ପ୍ରତିଷ୍ଠାନର କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରିଛନ୍ତି । ଆଜି ଏହି ପ୍ରତିଷ୍ଠାନର ସ୍ୱର୍ଣ୍ଣ ଜୟନ୍ତୀ ସମାରୋହରେ ଉଦ୍‌ବୋଧନ ଦେଇ ସେ ଏହା କହିଛନ୍ତି । ରାଷ୍ଟ୍ରପତି କହିଛନ୍ତି, ବିଶ୍ୱ ସ୍ତରରେ ନିମ୍‌ହାଂସ ମାନସିକ ଏବଂ ସ୍ନାୟୁ ଜନିତ ରୋଗ ଚିକିତ୍ସା କ୍ଷେତ୍ରରେ ଅଦ୍ୱିତୀୟ ପ୍ରତିଷ୍ଠାନ ଭାବେ ସୁନାମ ଅର୍ଜନ କରିଛି ।

ସେ କହିଛନ୍ତି, ନିମ୍‌ହାଂସ ଦ୍ୱାରା ଆରମ୍ଭ କରାଯାଇଥିବା ଟେଲି ମାନସ ସେବା ମାଧ୍ୟମରେ ଦେଶର କୋଣ ଅନୁକୋଣରେ ଥିବା ରୋଗୀଙ୍କର ଚିକିତ୍ସା କରାଯାଇ ପାରୁଛି । ଏଥିସହିତ ଯୋଗ ଓ ଆୟୁର୍ବେଦ

ଶାସ୍ତ୍ରର ପ୍ରାଚୀନ ଜ୍ଞାନକୁ ଏହି ପ୍ରତିଷ୍ଠାନ ସମନ୍ୱିତ କରି ଏହି କ୍ଷେତ୍ରରେ ପ୍ରଦାନ କରୁଥିବା ଉନ୍ନତମାନର ସ୍ୱାସ୍ଥ୍ୟସେବା ଦ୍ୱାରା ମାନସିକ ଏବଂ ସ୍ନାୟୁ ଜନିତ ରୋଗର ଉପସମ ହେଉଥିବାରୁ ରାଷ୍ଟ୍ରପତି ଏହାର ପ୍ରଶଂସା କରିଛନ୍ତି ।

## ଜେକେ-ସ୍ପେଶାଲ୍ ଟ୍ରେନ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୬ ତାରିଖ ସୋମବାର ଦିନ ଭିଡ଼ିଓ କନ୍‌ଫରେନ୍ସିଂ ମାଧ୍ୟମରେ ଜାମ୍ମୁ-ରେଲୱେ ଡିଭିଜନ୍‌ର ଲୋକାର୍ପଣ କରିବେ । ଏହି ଅବସରରେ ଜାମ୍ମୁ କାଶ୍ମୀରର ଉପରାଜ୍ୟପାଳ ମଜୋନ ସିହ୍ନା ଏବଂ ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ମଧ୍ୟ ଉପସ୍ଥିତ ରହିବେ ।

ଆମ ସମ୍ବାଦଦାତା ଜଣାଇଛନ୍ତି, ଜାମ୍ମୁ ରେଳ ଡିଭିଜନ୍ ଅଧୀନରେ ୫ଟି ସେକ୍‌ସନ୍ ରହିବ । ଏହି ୫ଟି ସେକ୍‌ସନ୍‌ର ମୋଟ୍ ଦୈର୍ଘ୍ୟ ହେଉଛି ୭୪୨ ଦଶମିକ୍ ୧ କିଲୋମିଟର । ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଏହାର ମୁଖ୍ୟାଳୟ ଜାମ୍ମୁରେ ରହିବ । ବର୍ତ୍ତମାନ ଦେଶରେ ୧୭ଟି ରେଳ ଜୋନ୍ ଅଧୀନରେ ୬୮ଟି ରେଳ ଡିଭିଜନ୍ କାର୍ଯ୍ୟ କରୁଛି । ଜାମ୍ମୁ ୬୯ତମ ଡିଭିଜନ୍ ଭାବେ କାର୍ଯ୍ୟ କରିବ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି ।

ଆସନ୍ତା ୫ ତାରିଖ ଦିନ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କାଶ୍ମୀର ରେଳ ପ୍ରକଳ୍ପ ଅନ୍ତର୍ଗତ ଶ୍ରୀନଗର ରେଳଷ୍ଟେସନ୍ ଏବଂ ଉଧମପୁର-ଶ୍ରୀନଗର-

ବାରମୁଲା ରେଳ ସଂଯୋଗ ସେକ୍ସେନ୍ ନିରିକ୍ଷଣ କରିବାର କାର୍ଯ୍ୟକ୍ରମ ରହିଛି । ସେହିଦିନ ଏକ ସ୍ୱତନ୍ତ୍ର ନିରିକ୍ଷଣ ଟ୍ରେନ୍ ଶ୍ରୀନଗରରୁ ଜାମ୍ମୁ ଅଭିମୁଖେ ଯାତ୍ରା କରି ରେଳ ବିକାଶ ଦିଗରେ ଏହି ଅଞ୍ଚଳରେ ଏକ ଐତିହାସିକ ମାଇଲ୍‌ଖୁଣ୍ଟ ସ୍ଥାପନ କରିବ । ସେହିଭଳି ଆସନ୍ତା ୭ ଓ ୮ ତାରିଖ ଦିନ ରେଲୱେ ସୁରକ୍ଷା ଆୟୋଗ ଦିନେଶ ଚାନ୍ଦ ଦେଶୱାଲ କାଶ୍ମୀର ରେଳ ପ୍ରକଳ୍ପ ଅନ୍ତର୍ଗତ ରିଆସି-କାତ୍‌ରା ସେକ୍ସନ୍‌ର ନିରକ୍ଷଣ କରିବାର କାର୍ଯ୍ୟସୂଚୀ ରହିଛି ।

## ଶିବରାଜ-ଫାର୍ମର୍ସ୍

କୃଷକମାନେ ଚାଷ କ୍ଷେତ୍ରରେ ସହୁଥିବା କ୍ଷତି ପରିମାଣ ଏବଂ ଶସ୍ୟ ବୀମା ପାଉଥିବା ସହାୟତା ରାଶି ମଧ୍ୟରେ ସମନ୍ୱୟ ରକ୍ଷା କରିବା ଲାଗି ଏଣିକି ସାଟେଲାଇଟ୍ ମାଧ୍ୟମରେ କ୍ଷୟକ୍ଷତିର ଆକଳନ କରାଯିବ । ଆଜି ନାସିକ୍ ଠାରେ ଯଶବନ୍ତ ରାଓ ଚୌହାନ୍ ମହାରାଷ୍ଟ୍ର ମୁକ୍ତ ବିଶ୍ୱବିଦ୍ୟାଳୟର କୃଷି ବିଜ୍ଞାନ କେନ୍ଦ୍ର ଠାରେ ଆୟୋଜିତ ଏକ କୃଷକ ସମାରୋହରେ କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହାନ ଏହା କହିଛନ୍ତି ।

ସେ କହିଛନ୍ତି, ଯେଉଁ ସମୟରେ ପିଆଜ ବା ଅନ୍ୟାନ୍ୟ ପନିପରିବାର ଦର ବୃଦ୍ଧି ହୁଏ ଏବଂ ଏ ସମ୍ପର୍କରେ ସହରାଞ୍ଚଳରୁ ଜନସାଧାରଣଙ୍କର ଅଭିଯୋଗ ହସ୍ତଗତ ହୋଇଥାଏ ସେହି ସମୟରେ ଚାଷୀକୁ ଦିଆଯାଉଥିବା ଅର୍ଥରେ ବୃଦ୍ଧି ଘଟେ ନାହିଁ । ତେଣୁ ଏହି ଉଚ୍ଚ ମୂଲ୍ୟରୁ ମଧ୍ୟସ୍ଥିମାନେ ହିଁ

ଲାଭବାନ ହୋଇଥାନ୍ତି । ଏହି କଳାବଜାରି ରୋକିବା ଲାଗି ରାଜ୍ୟ ସରକାରମାନେ ଉପଯୁକ୍ତ ପଦକ୍ଷେପ ନେବା ଉପରେ ଶ୍ରୀ ଚୌହାନ ଗୁରୁତ୍ୱାରୋପ କରିଛନ୍ତି । କେନ୍ଦ୍ର କୃଷି ମନ୍ତ୍ରୀ ଏହି ଅବସରରେ ଏକ ପ୍ରସ୍ତାବ ଦେଇ କହିଛନ୍ତି, ଯଦି ଚାଷୀ ନିଜର ଉତ୍ପାଦ ଅନ୍ୟ ରାଜ୍ୟରେ ବିକ୍ରି କରିବାକୁ ଚାହେଁ ତେବେ ଗମନାଗମନ ଖର୍ଚ୍ଚ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମଧ୍ୟରେ ସମାନ ଭାବେ ଭାଗ ହେବା ଉଚିତ୍ । କୃଷି କ୍ଷେତ୍ର ଦେଶର ଅର୍ଥବ୍ୟବସ୍ଥାର ମେରୁଦଣ୍ଡ ହୋଇଥିବା ଦୃଷ୍ଟିରୁ ଚାଷୀମାନେ ବିଭିନ୍ନ ସମୟରେ ସମ୍ମୁଖୀନ ହେଉଥିବା ସମସ୍ୟା ଗୁଡ଼ିକ ପ୍ରତି କେନ୍ଦ୍ର ସରକାର ସମ୍ପୂର୍ଣ୍ଣ ସଚେତନ ରହିବା ସହ ଏହାର ପ୍ରତିକାର ଲାଗି ଆବଶ୍ୟକ ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି କୃଷି ମନ୍ତ୍ରୀ ଶ୍ରୀ ଚୌହାନ କହିଛନ୍ତି ।

## ଆସାମ-ବୈଷ୍ଣବ

ରେଳ ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆଜି ଆସାମର ଗୌହାଟୀଠାରେ ରାଜ୍ୟପାଳ ଲକ୍ଷ୍ମଣ ପ୍ରସାଦ ଆଚାର୍ଯ୍ୟ ଏବଂ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମାଙ୍କ ସହିତ ତିନୋଟି ନୂତନ ଟ୍ରେନ୍‌ର ଶୁଭାରମ୍ଭ କରିଛନ୍ତି । ଏହି ଟ୍ରେନ୍ ଗୁଡ଼ିକ ହେଲା ଗୌହାଟୀ-ନ୍ୟୁ ଲକ୍ଷ୍ମୀପୁର ଜନଶତାବ୍ଦୀ ଏକ୍ସପ୍ରେସ୍, ନ୍ୟୁ-ବେଙ୍ଗାଇଗାଓଁ-ଗୌହାଟୀ ପାସେଞ୍ଜର ଟ୍ରେନ୍ ଏବଂ ତିନସୁକିଆ-ନାହାରଲାଗୁନ୍ ଏକ୍ସପ୍ରେସ୍ । ଏଥିସହିତ ଶ୍ରୀ ବୈଷ୍ଣବ

ଆକାଶବାଣୀ କୋକରାଝରର ୧୦ କିଲୋୱାଟ୍ ବିଶିଷ୍ଟ ଏଫ୍.ଏମ୍. ଷ୍ଟେସନ୍‌କୁ ଭର୍ଚୁଆଲ୍ ମାଧ୍ୟମରେ ଲୋକାର୍ପଣ କରିଛନ୍ତି ।

ଏହି ଅବସରରେ ଆୟୋଜିତ ଏକ ସମାରୋହରେ ଉଦ୍‌ବୋଧନ ଦେଇ ଶ୍ରୀ ବୈଷ୍ଣବ କହିଛନ୍ତି, ଦେଶର ଉତ୍ତର-ପୂର୍ବାଞ୍ଚଳର ସାମଗ୍ରୀକ ବିକାଶ ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ 'ଲୁକ୍ ଇଷ୍ଟ ପଲିସି'କୁ 'ଆକ୍ଟ ଇଷ୍ଟ ପଲିସି' ଭାବେ ପରିବର୍ତ୍ତନ କରିଛନ୍ତି । ଏହା ଦ୍ୱାରା ଏହି ଅଞ୍ଚଳକୁ ବର୍ତ୍ତମାନ ପୁଞ୍ଜିନିବେଶର ସୁଅ ଛୁଟିଛି । ପ୍ରଧାନମନ୍ତ୍ରୀ ଉତ୍ତର ପୂର୍ବାଞ୍ଚଳକୁ ଦେଶର ଅଭିବୃଦ୍ଧିର ଇଞ୍ଜିନ୍ ଭାବେ ଅଭିହିତ କରିଥିବା ଦୃଷ୍ଟିରୁ ବିଜେପି ନେତୃତ୍ୱାଧୀନ କେନ୍ଦ୍ର ସରକାର ଗତ ୧୦ ବର୍ଷ ମଧ୍ୟରେ ଏହି ଅଞ୍ଚଳର ବିକାଶ ଲାଗି ବଜେଟ୍‌ରେ ୫ଗୁଣା ଅର୍ଥ ବ୍ୟୟବରାଦ କରିଛନ୍ତି ।

ସେହିଭଳି ଏଫ୍.ଏମ୍. ଷ୍ଟେସନ୍‌ର ଲୋକାର୍ପଣ କରି ଶ୍ରୀ ବୈଷ୍ଣବ କହିଛନ୍ତି, ଏହି କେନ୍ଦ୍ର ସ୍ଥାପନ ଦ୍ୱାରା ବୋଡୋଲ୍ୟାଣ୍ଡ ଜନସାଧାରଣଙ୍କର ଦୀର୍ଘ ଦିନର ସ୍ୱପ୍ନକୁ ପୁରଣ କରିଛି । ୧୯୧୯ ମସିହା ଅଗଷ୍ଟ ୧୫ରୁ ଆକାଶବାଣୀ କୋକରାଝର ୨୦ କିଲୋୱାଟ୍ ମିଡିୟମ୍ ୱେଭ୍ ଟ୍ରାନ୍ସମିଟର ମାଧ୍ୟମରେ କାର୍ଯ୍ୟ କରୁଥିଲା । ଏଣିକି ଏହି ନୂତନ ଏଫ୍.ଏମ୍. ଟ୍ରାନ୍ସମିଟର ମାଧ୍ୟମରେ ଏହା ୭୦ କିଲୋମିଟର ପରିଧି ପର୍ଯ୍ୟନ୍ତ କାର୍ଯ୍ୟ କରିବ ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି ।

# ଜୟଶଙ୍କର-ମାଲଦୀପ୍

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ତାଙ୍କର ମାଲଦୀପ ପ୍ରତିପକ୍ଷ ଅବଦୁଲ୍ଲା ଖାଲିଲ୍‌ଙ୍କ ସହିତ ଆଜି ନୂଆଦିଲ୍ଲୀରେ ପ୍ରତିନିଧି ସ୍ତରୀୟ ଆଲୋଚନା କରିଛନ୍ତି । ଏହି ଆଲୋଚନାରେ ନିଜର ଅଭିଭାଷଣ ରଖି ଡକ୍ଟର ଜୟଶଙ୍କର କହିଛନ୍ତି, ବିଭିନ୍ନ କ୍ଷେତ୍ରରେ ଉଭୟ ଦେଶ ନିଜର ଭାଗିଦାରୀକୁ ଅଧିକ ସଶକ୍ତ କରିଛନ୍ତି । ମାଲଦୀପ ସହିତ ଭାରତ ସର୍ବଦା  ଦୃଢ଼ ଭାବେ ରହିଥିବା ସମ୍ପର୍କରେ ଡକ୍ଟର ଜୟଶଙ୍କର ଏହି ଅବସରରେ ନିଜର ପ୍ରତିଶ୍ରୁତିବଦ୍ଧତା ଦୋହରାଇଛନ୍ତି । ବିଭିନ୍ନ ଅତ୍ୟାବଶ୍ୟକୀୟ ସାମଗ୍ରୀ ଭାରତ ମାଲଦୀପ୍‌କୁ ରପ୍ତାନୀ କରି ଆସୁଛି ବୋଲି ବୈଦେଶିକ ବ୍ୟାପାର ମନ୍ତ୍ରୀ କହିଛନ୍ତି ।

# ଇୟର ୟେଣ୍ଡର

ଆକାଶବାଣୀ ସମ୍ବାଦ ଏହାର ସ୍ୱତନ୍ତ୍ର ଧାରାବାହିକରେ ଆପଣଙ୍କ ପାଇଁ ୨୦୨୪ର ଝଲକ ଆଣିଛି । ଆଜି ଆମେ ଉତ୍ତର ପୂର୍ବାଞ୍ଚଳ ବିକାଶ ମନ୍ତ୍ରଣାଳୟର ପ୍ରମୁଖ ପଦକ୍ଷେପ ଏବଂ ଉପଲବ୍ଧି ଉପରେ ନଜର ପକାଇବା ।

ଏ ସମ୍ପର୍କରେ ଆମର ସମ୍ବାଦଦାତାଙ୍କ ଠାରୁ ମିଳିଥିବା ସୂଚନା ଅନୁଯାୟୀ ଉତ୍ତର ପୂର୍ବାଞ୍ଚଳ ସାମଗ୍ରୀକ ବିକାଶ ଲାଗି ୧ହଜାର ୯୭୦ କୋଟି ଟଙ୍କା ବ୍ୟୟ ଅଟକଳରେ ମୋଟ୍ ୮୬ଟି ପ୍ରକଳ୍ପ ମଞ୍ଜୁର କରାଯାଇଛି । ସେହିଭଳି ଏହି ଅଞ୍ଚଳର ସମୃଦ୍ଧ ପରମ୍ପରା, ପାରମ୍ପରିକ କଳା ଓ ବିବିଧତାର ପ୍ରତୀକ ସ୍ୱରୂପ ଗତବର୍ଷ ମନ୍ତ୍ରଣାଳୟ ପକ୍ଷରୁ 'ବିବିଧତକା' ଅମୃତ ମହୋତ୍ସବ ଆୟୋଜିତ ହୋଇଥିଲା । ଏହାଛଡ଼ା ସମ୍ପୃକ୍ତ ଅଞ୍ଚଳର ସମୃଦ୍ଧି ସାଂସ୍କୃତିକ ଐତିହ୍ୟକୁ ଲୋକଲୋଚନକୁ ଆଣିବା ଉଦ୍ଦେଶ୍ୟରେ ଭାରତୀୟ କଳା ମହୋତ୍ସବ ମଧ୍ୟ ଆୟୋଜନ କରାଯାଇଛି । ସେହିଭଳି ଉତ୍ତର ପୂର୍ବାଞ୍ଚଳର ବୟନ ଶିଳ୍ପ, ପର୍ଯ୍ୟଟନ କ୍ଷେତ୍ରରେ ରହିଥିବା ସୁଯୋଗ ଗୁଡ଼ିକୁ ଯେଭଳି ଦେଶ ତଥା ବିଶ୍ୱ ବ୍ୟାପି ପ୍ରଚାର ଓ ପ୍ରସାର କରାଯାଇ ପାରିବ ସେଥିଲାଗି ପ୍ରଥମଥର ପାଇଁ ଅଷ୍ଟଲକ୍ଷ୍ମୀ ମହୋତ୍ସବ ମଧ୍ୟ ଆୟୋଜିତ ହୋଇଯାଇଛି ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି ।